## ସାପ୍ତାହିକ କାର୍ଯ୍ୟକ୍ରମ

**୧୦।୧୧।୧୯**
**ଢେଙ୍କାନାଳ**
♦ସପ୍ତଶଯ୍ୟା ମହୋତ୍ସବ ଉଦ୍‌ଘାଟନ
ସ୍ଥାନ: ମିନି ଷ୍ଟାଡିୟମ୍ ପରିସର
ସମୟ: ସନ୍ଧ୍ୟା ୬ଟା।

**୧୧।୧୧।୧୯**
**ଅନୁଗୋଳ**
♦ମିଳିତ ଜନଶୁଣାଣି ଶିବିର
ସ୍ଥାନ– ଜିଲା କାର୍ଯ୍ୟାଳୟ
ସମୟ– ପୂର୍ବାହ୍ନ ୧୦ଟା
♦୧୦୦ ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ୱାସ୍ଥ୍ୟ ଶିବିର
ସ୍ଥାନ– ୟୁନିୟନ ବ୍ୟାଙ୍କ ପରିସର
ସମୟ– ପୂର୍ବାହ୍ନ ୯ଟା
**ବଁଅରପାଳ**
♦କାର୍ତ୍ତିକେଶ୍ୱର ପୂଜା
ସ୍ଥାନ–କୁଲାଡ଼
ସମୟ– ସନ୍ଧ୍ୟା ୬ଟା

**୧୨।୧୧।୧୯**
**ବଁଅରପାଳ**
♦ବଡ଼ ଓଷା ପାଳନ
ସ୍ଥାନ–ଗିରାଙ୍ଗ
ସମୟ– ମଧ୍ୟାହ୍ନ ୧୨ଟା
**ଅନୁଗୋଳ**
♦୩୪ତମ ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଯାପନ
ସ୍ଥାନ– ସଭାଘର
ସମୟ– ସନ୍ଧ୍ୟା ୬ଟା
♦ବସ୍ତ୍ର ଦାନ ଶିବିର ଶେଷ ଦିବସ
ସ୍ଥାନ– ଅନୁଗୋଳ ରେଳ ଷ୍ଟେଶନ
ସମୟ– ଅପରାହ୍ନ ୪ଟା

**୧୩।୧୧।୧୯**
**ଅନୁଗୋଳ**
♦ଜିଲାସ୍ତରୀୟ ଯୁବ ଉତ୍ସବ ପାଳିତ
ସ୍ଥାନ– ସଭାଘର ପରିସର
ସମୟ– ପୂର୍ବାହ୍ନ ୧୦ଟା
**ବଁଅରପାଳ**
♦ମା' ଲୋଭୀ ଠାକୁରାଣୀଙ୍କ ଯାତ୍ରା
ସ୍ଥାନ–ଗଡ଼ସନ୍ତ୍ରୀ
ସମୟ– ଅପରାହ୍ନ ୧ଟା
♦ଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ
ସ୍ଥାନ–ଗଡ଼ସନ୍ତ୍ରୀ
ସମୟ– ରାତି ୭ଟା
♦ଦଣ୍ଡନୃତ୍ୟ ପ୍ରତିଯୋଗିତା
ସ୍ଥାନ–ସଞ୍ଜପଡା
ସମୟ–ରାତି ୮ଟା

**୧୪।୧୧।୧୯**
♦ମା' ଲୋଭୀଙ୍କ ଯାତ୍ରା ଉଦ୍‌ଯାପନ
ସ୍ଥାନ–ଗଡସନ୍ତ୍ରୀ
ସମୟ– ଅପରାହ୍ନ ୪ଟା

## ■ବିଭିନ୍ନ ସ୍କୁଲ ପରିଦର୍ଶନ କଲେ ଜିଲା ଶିକ୍ଷା ଅଧିକାରୀ

# ପିଲାଙ୍କ ସହ କଲେ ମଧ୍ୟାହ୍ନଭୋଜନ



ଜିଲା ଶିକ୍ଷା ଅଧିକାରୀ ପିଲାଙ୍କୁ ମଧ୍ୟାହ୍ନଭୋଜନ ପରଷୁଛନ୍ତି।

**ବନ୍ତଳା,୯।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଶନିବାର ବନ୍ତଳା ଥାନା ଅଞ୍ଚଳରେ ଥିବା କେତେକ ସ୍କୁଲକୁ ଅଚାନକ ପରିଦର୍ଶନରେ ଯାଇଥିଲେ। ତାଙ୍କ ସହ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା ଉପସ୍ଥିତ ଥିଲେ। ଜିଲା ଶିକ୍ଷା ଅଧିକାରୀ ପୋକତୁଙ୍ଗା ହାଇସ୍କୁଲରେ ପିଲାଙ୍କ ସହ ମଧ୍ୟାହ୍ନ ଭୋଜନ କରିବା ସହ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଦରଖାସ୍ତ ନ ଦେଇ ଛୁଟିରେ ଥିବାରୁ ସ୍କୁଲର ଜଣେ କ୍ଲର୍କଙ୍କ ଦିନକର ଦରମା ବନ୍ଦ କରିବାକୁ ଜିଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ।

ଶିକ୍ଷା ଅଧିକାରୀ ବେହେରା ପ୍ରଥମେ ନନ୍ଦପୁରସ୍ଥିତ କଳିଙ୍ଗ ହାଇସ୍କୁଲ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। କଳିଙ୍ଗ ହାଇସ୍କୁଲ ପ୍ରଧାନ ଶିକ୍ଷକ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହୁଥିବା ଓ କୌଣସି କର୍ମଚାରୀଙ୍କୁ ପଠାଉ ନ ଥିବା ଜାଣି ଅସନ୍ତୋଷ ପ୍ରକାଶ କରିଥିଲେ। ସ୍କୁଲ ଅଫିସ ସମ୍ମୁଖରେ ଏସ୍‌ସିଏସ୍‌ଟି ପିଲାମାନଙ୍କ ବହିସବୁ ଏଣେତେଣେ ପଡିଥିବା ଦେଖି ଏହାର ପୁନରାବୃତ୍ତି ନ କରିବାକୁ ଚେତାବନୀ ଦେଇଥିଲେ। ସେହିପରି ଆବଶ୍ୟକ ଅନୁଯାୟୀ ଶ୍ରେଣୀ ଗୃହ ନ ଥିବା ଓ ତଳେ ବସି ପିଲାମାନେ ପଢୁଥିବାରୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ଅଷ୍ଟମ ଶ୍ରେଣୀକୁ କଳିଙ୍ଗ ହାଇସ୍କୁଲକୁ ହସ୍ତାନ୍ତର ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ପରେ ନନ୍ଦପୁର ପ୍ରାଥମିକ ବିଦ୍ୟାଳୟ ଓ ପୋକତୁଙ୍ଗା ପ୍ରାଥମିକ ବିଦ୍ୟାଳୟ ବୁଲି ଦେଖିଥିଲେ। ଏହାପରେ ପୋକତୁଙ୍ଗା ସରକାରୀ ହାଇସ୍କୁଲ ପରିଦର୍ଶନରେ ଯାଇ କ୍ଲର୍କ ବିନା ଛୁଟି ଦରଖାସ୍ତରେ ଅନୁପସ୍ଥିତ ରହିଥିବାରୁ ଦିନକର ଦରମା ବନ୍ଦ କରିବା ପାଇଁ ପ୍ରଧାନ ଶିକ୍ଷକ ସନାତନ ମୁଦୁଲିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷା କମିଟି ସହାୟତାରେ ବିଦ୍ୟାଳୟ ପାଣ୍ଠିରୁ ଲଗାଯାଇଥିବା ସିସିଟିଭି କ୍ୟାମେରାକୁ ଉଦ୍‌ଘାଟନ କରିଥିଲେ। ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ବଣ୍ଟନ କରିବା ସହିତ ସେମାନଙ୍କ ସହ ବସି ଖାଇଥିଲେ। ତେବେ ଆନୁଷଙ୍ଗିକ ବିଜ୍ଞାନ ଉପକରଣ ଦିଆଯାଇଥିଲେ ବି ପିଲାମାନଙ୍କୁ ତାହା ଦେଖାଇ ପଢାଯାଉ ନ ଥିବା ଜାଣି ଶିକ୍ଷା ଅଧିକାରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସ୍କୁଲରେ ପିଲା ସଂଖ୍ୟା ଅନୁଯାୟୀ ଶିକ୍ଷକ ନ ଥିବାରୁ ଜଣେ ଶିକ୍ଷକ ନିଯୁକ୍ତି ପାଇଁ ଶିକ୍ଷା ପରିଚାଳନା କମିଟି ସଭାପତି ଦିନେଶ ଦେହୁରୀ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ପଦକ୍ଷେପ ନେବାକୁ ଜିଲା ଶିକ୍ଷା ଅଧିକାରୀ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଫୋନରେ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ବେଳେ ବିଭିନ୍ନ ସ୍କୁଲରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥାନ ଖାତା ଯାଞ୍ଚ ସହ ଅଗ୍ନି ନିର୍ବାପକ ଯନ୍ତ୍ର, ଶୌଚାଳୟ, ମଧ୍ୟାହ୍ନଭୋଜନ ବ୍ୟବସ୍ଥା କିପରି ଚାଲିଛି ତାହା ଜିଲା ଶିକ୍ଷା ଅଧିକାରୀ ଯାଞ୍ଚ କରିଥିଲେ।

## ■ଘରଭଙ୍ଗା କାର୍ଯ୍ୟରେ ଲଗାଇଲେ ପ୍ରଧାନ ଶିକ୍ଷକ

# ଛାତ୍ରୀଛାତ୍ରଙ୍କ ହାତରେ ଶାବଳ, କୋଡ଼ି



ଶାର୍ଟ ଖୋଲି ପ୍ରଧାନ ଶିକ୍ଷକ ବୁଲୁଥିବା ବେଳେ ଛାତ୍ରୀଛାତ୍ରମାନେ କାମ କରୁଛନ୍ତି।

**ବନ୍ତଳା,୯।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଳା ଥାନା ବଡ଼କଣ୍ଟକୁଳ ପଞ୍ଚାୟତ ଜମ୍ବୁଗଡ଼ିଆ ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶନିବାର ଛାତ୍ରୀଛାତ୍ରମାନଙ୍କୁ ଘର ଭଙ୍ଗା କାର୍ଯ୍ୟରେ ଲଗାଇଥିବା ଅଭିଭାବକମାନେ ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାର ବିଦ୍ୟାଳୟର ମରାମତି ତଥା ଉନ୍ନୟନ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ପାଣ୍ଠି ଦେଉଥିଲେ ମଧ୍ୟ ପ୍ରଧାନଶିକ୍ଷକ ପିଲାମାନଙ୍କୁ ଏପରି ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ କରିଥିବାରୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଭାବକ ବିଚିତ୍ର ସ୍ୱାଇଁ, ଅମିତା ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି। ଏପରି କି ସମ୍ପୃକ୍ତ ପ୍ରଧାନ ଶିକ୍ଷକ ନିଜ ଶାର୍ଟ ଖୋଲି ବୁଲୁଥିବାରୁ ଅଞ୍ଚଳବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ହୋତା କହିଛନ୍ତି, ଏକ ପରିତ୍ୟକ୍ତ ଶ୍ରେଣୀଗୃହ ଭଙ୍ଗା ଅବସ୍ଥାରେ ଅଛି। ସେଠାକୁ ପିଲାମାନେ ଯାଉଥିବାରୁ ବିପଦ ଆଶଙ୍କା ରହୁଛି। ତେଣୁ ନିଜେ ଉକ୍ତ ପରିତ୍ୟକ୍ତ ଘରର କାନ୍ଥ ଭାଙ୍ଗୁଥିବା ବେଳେ ଶାର୍ଟ ଚିରି ଯାଇଥିଲା। ସେଥିପାଇଁ ତାହା ଖୋଲି ଦେଇଥିଲି। ପ୍ରାର୍ଥନା ପରେ ସପ୍ତମ ଶ୍ରେଣୀ ପିଲାଙ୍କୁ ନେଇ ସେଠାକୁ ଯାଇଥିଲୁ। ଏଥିରେ ଅପରାଧ ଅଛି କି ବୋଲି ସେ ଓଲଟା ପ୍ରଶ୍ନ କରିଥିଲେ। ଘଟଣା ବିଷୟରେ ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ କହିଛନ୍ତି, ସୋମବାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କହିଛନ୍ତି, ଏହାର ତଦନ୍ତ କରିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଗାନ୍ଧିଜୀ, ନେହେରୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

**ବଇଣ୍ଡା, ୯।୧୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ କୁର୍ତ୍ତିବାସପୁର ପଞ୍ଚାୟତ ତେନ୍ତୁଳିପଥର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ମହାତ୍ମା ଗାନ୍ଧୀ ଓ ଜବାହରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ କହିଲେ, ମହାତ୍ମା ଗାନ୍ଧୀଙ୍କ ଯୋଗୁ ଆମ ଦେଶର ପ୍ରତି ନାଗରିକ ଆଜି ସ୍ୱାଧୀନ ଭାବେ ବଞ୍ଚି ପାରୁଛନ୍ତି। ସେହିପରି ଦେଶପ୍ରତି ନେହେରୁଙ୍କ ଅବଦାନ ଅତୁଳନୀୟ ବୋଲି ବିଧାୟକ ପ୍ରକାଶ କରିଥିଲେ। କୃତ୍ତିବାସପୁର ସରପଞ୍ଚ ନଳିନୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ରଥ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦଳେଇ, ଜିଲା ପରିଷଦ ସଦସ୍ୟା ବୈଜୟନ୍ତୀ ଦେହୁରୀ, ସମିତିସଭ୍ୟ ତ୍ରୈଲୋଚନ ସାହୁ, ଆଠମଲ୍ଲିକ ବିଆରସିସି ଛବି ନାରାୟଣ ସିଠ, ପୂର୍ବତନ ସରପଞ୍ଚ ସିଦ୍ଧେଶ୍ୱର ସାହୁ, ବିଦ୍ୟାଳୟ ସଭାପତି ରୋହିତ କୁମାର ସାହୁ, ପୂର୍ବତନ ସ୍କୁଲ ସଭାପତି ପ୍ରାଣବନ୍ଧୁ ସାହୁ, ଜମିଦାତା ଅନାମ ସାହୁ, ପ୍ରଧାନ ଶିକ୍ଷକ ତ୍ରିଲୋଚନ ନାୟକ, ଗ୍ରାମ ସଭାପତି କରୁଣାକର ସାହୁ, ଠାକୁରଗଡ ଥାନା ଆଇଆଇସି ଗବାକ୍ଷ ନାୟକ ଯୋଗ ଦେଇଥିଲେ। ଶିକ୍ଷକ ରଜତ କୁମାର ପ୍ରଧାନ, ଭାସ୍କର ପ୍ରଧାନ, ଉମେଶ ଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ। ଏହି ଅବସରରେ ୪୨ ଜଣ ପୂର୍ବତନ ଶିକ୍ଷକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ପ୍ରେମରେ ବିଫଳ ହେବାରୁ ଯୁବତୀଙ୍କ ଘରୁ ଗାଡ଼ି ଚୋରି

**ଅନୁଗୋଳ ଅଫିସ, ୯।୧୧**

ଅନୁଗୋଳ ଥାନା ଅଞ୍ଚଳର ଜଣେ ଯୁବକ ପ୍ରେମରେ ବିଫଳ ହେବାରୁ ସମ୍ପୃକ୍ତା ଯୁବତୀଙ୍କ ଘରୁ ବାଇକ୍ ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଯୁବକ ଜଣକ କିଛି ଦିନ ପୂର୍ବେ ପ୍ରେମ ନିବେଦନ କରିଥିଲେ। ଏହି କଥା ଜାଣିବା ପରେ ଯୁବତୀଙ୍କ ଘର ଲୋକେ ଯୁବକଙ୍କୁ ପାଟିତୁଣ୍ଡ ଏ ସବୁ କାର୍ଯ୍ୟରୁ ନିବୃତ୍ତ ରହିବାକୁ ତାଗିଦ୍ କରିଥିଲେ। ହେଲେ ଯୁବକ ଜଣକ ଯୁବତୀଙ୍କ ଘରକୁ ଫୋନ କରି ବିଭିନ୍ନ ସମୟରେ ଧମକ ଦେଉଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଯୁବକ ଜଣଙ୍କ ୩ ସହଯୋଗୀଙ୍କୁ ଧରି ଆସି ଯୁବତୀଙ୍କ ଘର କବାଟ ବାଡ଼େଇଥିଲେ। ହେଲେ କେହି କବାଟ ନ ଖୋଲିବାରୁ ଘର ସମ୍ମୁଖରେ ଥିବା ଏକ ବାଇକ୍‌କୁ ଯୁବକ ଜଣକ ନେଇଯାଇଥିବା ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଅନୁଗୋଳ ପୋଲିସ କହିଛି।

# ଆତ୍ମଚେଷ୍ଟା ଜାରି ରହିଲେ ସଫଳ ହେବେ କୁନି ବୈଜ୍ଞାନିକ



ବିଜ୍ଞାନମେଳାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ଅତିଥିଙ୍କ ସହ।

**କଣିହାଁ, ୯।୧୧(ଡି.ଏନ.ଏ.)**

କଣିହାଁ ବ୍ଲକର ସର୍ବପୁରାତନ ପବିତ୍ରମୋହନ ହାଇସ୍କୁଲରେ ଶନିବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦାଶରଥି ଜେନାଙ୍କ ତତ୍ତ୍ୱାବଧାନରେ ଏହି ମେଳାରେ ଛାତ୍ରୀଛାତ୍ରମାନେ ୫୦ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ରହିଥିବା ଆଲୁମିନି କାର୍ଯ୍ୟକର୍ତ୍ତା ସୁକାନ୍ତ ଚନ୍ଦ୍ର ପ୍ରଧାନ, ସୁଧାକର ପ୍ରଧାନ, ଭୁପେନ ଗଡନାୟକ, ଦେବଦତ୍ତ ପ୍ରଧାନ, ରଞ୍ଜନ ମିଶ୍ର, କାଳନ୍ଦୀ ପ୍ରଧାନ, ବେଣୁଧର ଦାସ, ଶରତଚନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକଙ୍କ ସହଯୋଗ ସହ ଆତ୍ମଚେଷ୍ଟା ଜାରି ରହିଲେ କୁନି ବୈଜ୍ଞାନିକମାନେ ଭବିଷ୍ୟତରେ ବେଶ ସଫଳ ହୋଇପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ବରିଷ୍ଠ ବିଭାଗରେ ତୃପ୍ତିମୟୀ ସାମଲ ପ୍ରଥମ, ଜଗନ ପାଣି ଓ ରଙ୍ଗନାଥ ପାଣି ଦ୍ୱିତୀୟ ଏବଂ ଅବିନାଶ ସାମଲଙ୍କ ପ୍ରକଳ୍ପ ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି କନିଷ୍ଠ ବିଭାଗରେ ପାୟଲ ପ୍ରିୟା ସାହୁ ପ୍ରଥମ, ବାଦଲ କୁମାର ସାହୁ ୨ୟ ଏବଂ ଇପ୍‌ସିତା ସାହୁ ୩ୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷକ ସିଦ୍ଧିପ୍ରସାଦ ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଚାରକ ଭାବେ ବିଜ୍ଞାନ ଶିକ୍ଷୟିତ୍ରୀ ଭାରତୀ ପ୍ରଧାନ, ଅବସରପ୍ରାପ୍ତ ବୈଜ୍ଞାନିକ ଡିଲେଶ୍ୱର ପ୍ରଧାନ ଯୋଗ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ୨ ଟ୍ରକ୍‌ରୁ ୫୦ ହଜାର ଜରିମାନା ଆଦାୟ

ବଁଅରପାଳ, ୯।୧୧(ଡି.ଏନ.ଏ.)- ଚୋରା ବାଲିଚାଲାଣ କରୁଥିବା ୨ଟି ଟ୍ରକ୍‌କୁ ରାଜସ୍ୱ ବିଭାଗ ପକ୍ଷରୁ ଶନିବାର ଚଢ଼ାଉ କରାଯାଇ ଜବତ କରାଯିବା ସହ ୫୦ ହଜାର ଜରିମାନା ଆଦାୟ କରାଯାଇଛି। ରାଜସ୍ୱ କାର୍ଯ୍ୟାଳୟ ନିକଟରେ ଟ୍ରକ୍ ଦୁଇଟିରେ ଚୋରାରେ ବାଲି ଚାଲାଣ ହେଉଥିବା ଖବରପାଇ ତହସିଲଦାର ଜିତେନ୍ଦ୍ର ସାହୁ ଚଢ଼ାଉ କରିଥିଲେ।

### ନାଲ୍‌କୋ-ଥର୍ମାଲ ରାସ୍ତାରେ ବଢୁଛି ଲୁଟ୍

ବଁଅରପାଳ, ୯।୧୧ (ଡି.ଏନ୍.ଏ.)- ନାଲ୍‌କୋ-ଥର୍ମାଲ ରାସ୍ତାରେ ଦିନକୁ ଦିନ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ବିଶେଷକରି ଚୋରି, ଲୁଟପାଟ ହେଉଥିବାରୁ ଯାତ୍ରୀମାନେ ଅସୁରକ୍ଷିତ ମଣୁଛନ୍ତି। ପାଟ୍ରୋଲିଂ ବ୍ୟବସ୍ଥା ହୁଗୁଳା ଯୋଗୁ ଦୁର୍ବୃତ୍ତମାନେ ଏପରି କାର୍ଯ୍ୟକଳାପ ଘଟାଇ ଚାଲିଥିବା ବହୁ ଯାତ୍ରୀ ଅଭିଯୋଗ କରୁଛନ୍ତି। ଗତ ୩ ମାସ ମଧ୍ୟରେ ୨୦ରୁ ଅଧିକ ଅପରାଧ ଏହି ରାସ୍ତାରେ ଘଟିଥିବା ସୂଚନା ମିଳିଛି। ଶୁକ୍ରବାର ସନ୍ଧ୍ୟାରେ ପ୍ରିୟବ୍ରତ ସାମଲଙ୍କ ଠାରୁ ସୁନା ଓ ଟଙ୍କା ଲୁଟ୍ ହୋଇଛି। ସେହିପରି ଗୁରୁବାର ଜଣେ ବ୍ୟବସାୟୀ ଏହି ରାସ୍ତାରେ ଆସୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଠାରୁ ଲୁଟ୍ ଉଦ୍ୟମ କରିବା ସହ ଭୁଜାଲିରେ ଆକ୍ରମଣ କରିଥିଲେ।

### ଗୁହାଳ ଉପରେ ପଡ଼ିଲା ଗଛ

ଭଣ୍ଡାରିପୋଖରୀ,୯।୧୧ (ଡି.ଏନ.ଏ.) ବୁଲ୍‌ବୁଲ୍ ପ୍ରଭାବରେ ଭଣ୍ଡାରିପୋଖରୀ ଅଞ୍ଚଳରେ ବର୍ଷା, ପବନ ଲାଗି ରହିଥିବାରୁ ଲୋକେ ଘରୁ ବାହାରି ପାରୁନାହାନ୍ତି। ଗ୍ରାମାଞ୍ଚଳରେ ଯାନବାହନ ସେବା ବନ୍ଦ ରହିଛି। ରାଜପଥରେ ମଧ୍ୟ କାଁ ଭାଁ ଯାନ ଚଳାଚଳ କରୁଛି। ଶନିବାର ସକାଳେ ବ୍ଲକର ଜଳମଣ୍ଡୁଆ ପଞ୍ଚାୟତ ସରଦପୁର ଗ୍ରାମର ଚନ୍ଦ୍ରମଣି ଖିଲାରଙ୍କ ଘରକୁ ଲାଗି ରହିଥିବା ଗୁହାଳ ଉପରେ ଏକ ବରଗଛ ଉପୁଡ଼ି ପଡ଼ିଥିଲା। ଗୁହାଳଟି ଭାଙ୍ଗିଯାଇଥିବାବେଳେ ସ୍ଥାନୀୟ ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ଗଛ ଡାଳ କାଟି ସଫା କରିଥିଲେ।

## ■ଅଭିଯୋଗ ଆଣିଲେ ଆର୍‌ଏମ୍‌ସି ସଫେଇ କର୍ମଚାରୀ

# ମିଳୁନି ସାହାଯ୍ୟ ସହଯୋଗ

**ଅନୁଗୋଳ ଅଫିସ, ୯।୧୧**

ଅନୁଗୋଳ ନିୟନ୍ତ୍ରିତ ବଜାର କମିଟି(ଆରଏମ୍‌ସି)ରେ ଦୀର୍ଘ ୨୦ ବର୍ଷ ଧରି ସଫେଇ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସଫେଇ କର୍ମଚାରୀମାନଙ୍କୁ ସରକାରୀ ସାହାଯ୍ୟ ସହଯୋଗ ମିଳୁନାହିଁ। ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ନିକଟରେ ଶନିବାର ଏପରି ଅଭିଯୋଗ କରିଛନ୍ତି ଜିଲା ସଫେଇ କର୍ମଜୀବୀ ସଂଘ ସାଧାରଣ ସମ୍ପାଦକ ମିଥୁନ ବେହେରା। ସଫେଇ କର୍ମଚାରୀମାନଙ୍କୁ ସ୍ଥାୟୀ ଚାକିରିର ମାନ୍ୟତା କାହିଁକି ପ୍ରଦାନ କରାଯାଉ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ଅଭିଯୋଗରେ ସମ୍ପାଦକ ବେହେରା ଉଲ୍ଲେଖ କରିଛନ୍ତି ଯେ, ବିଭିନ୍ନ ସମୟରେ ସରକାର ଦରମା ବୃଦ୍ଧି କରୁଥିଲେ ମଧ୍ୟ ତାହା ସଫେଇ କର୍ମଚାରୀମାନଙ୍କ ପ୍ରତି ଲାଗୁ ହେଉନାହିଁ। ଏପରି କି ସଫେଇ କର୍ମଚାରୀଙ୍କ ଦରମାରୁ ଭବିଷ୍ୟ ପାଣ୍ଠି, କର୍ମଚାରୀ ରାଜ୍ୟବୀମା ବାବଦରେ ରାଶି କଟାଯାଉ ନାହିଁ। ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସର୍ବଦା ସଫେଇ କର୍ମଚାରୀମାନଙ୍କ ପ୍ରତି ଆକ୍ରୋଶ ମନୋଭାବ ରଖି ହଇରାଣ କରୁଛନ୍ତି। ଦରମା ଠିକ୍ ସମୟରେ ପ୍ରଦାନ କରୁ ନ ଥିବାବେଳେ ନାନା ଧମକ ଚମକ ଦେଉଛନ୍ତି। ତୁରନ୍ତ ଏହାର ବିଚାର କରି ସଫେଇ କର୍ମଚାରୀଙ୍କୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବା ନିମନ୍ତେ ପଦକ୍ଷେପ ନେବାକୁ ସଂଘ ସାଧାରଣ ସମ୍ପାଦକ ବେହେରା ଉପଜିଲାପାଳଙ୍କୁ ନିବେଦନ କରିଛନ୍ତି। ୭ ଦିନ ମଧ୍ୟରେ ଏ ନେଇ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଅଭିଯୋଗ ଉପରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସନ୍ତୋଷ ପ୍ରଧାନଙ୍କ ମତାମତ ଲୋଡ଼ାଯାଇଥିଲା। ସେ କହିଛନ୍ତି, ସରକାରଙ୍କ ପକ୍ଷରୁ କୌଣସି ମତ ଗଣମାଧ୍ୟମରେ ଦେବାକୁ ବାରଣ କରାଯାଇଛି। ତେଣୁ କିଛି କହିପାରିବି ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

## ■ଜାତୀୟ ଆଇନସେବା ଦିବସ

# ସେବା, ସହଯୋଗ ଉପରେ ଆଲୋକପାତ




ଅତିଥି ସଚେତନତା ଶୋଭାଯାତ୍ରା ଶୁଭାରମ୍ଭ କରୁଛନ୍ତି।

**ଅନୁଗୋଳ ଅଫିସ, ୯।୧୧**

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନସେବା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ପାରାଲିଗାଲ ସାମାଜିକ କର୍ମୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରଭାକର ଗଣ୍ଡିଆ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପରେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲା ଓ ଦୌରାଜଜ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ପ୍ରାଧିକରଣର ସମ୍ପାଦିକା ଅଭିନନ୍ଦିତା ପଣ୍ଡା ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଜେଏମ୍ ସୌମ୍ୟକ ପାତ୍ର, ଜେଏମ୍‌ଏଫ୍‌ସି ସୁହାନି ପଟ୍ଟନାୟକ, ସଦସ୍ୟ ପରମାନନ୍ଦ ମିଶ୍ର, ବିପିନ ବିହାରୀ ସାହୁ, ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସାମାଜିକ ଓ ଆର୍ଥିକ ସ୍ତରରେ ପଛୁଆ ଥିବା ବ୍ୟକ୍ତିଙ୍କୁ କିପରି ସମ୍ପୂର୍ଣ୍ଣ ମାଗଣାରେ ଆଇନସେବା ଓ ବିଭିନ୍ନ ପ୍ରକାରର ସହାୟତା ଯୋଗାଇ ଦିଆଯାଇ ପାରିବ ସେ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ଅନୁଗୋଳ କୋର୍ଟର ଆଇନଜୀବୀ, ଜିଲା ଆଇନସେବା ପ୍ରାଧିକରଣର ସମସ୍ତ ସାମାଜିକ କର୍ମୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୨ ବଖରା ଛାରଖାର



**ଢେଙ୍କାନାଳ ଅଫିସ, ୯।୧୧:** ଢେଙ୍କାନାଳ ସହର କୁଞ୍ଜକାନ୍ତ ଚଣ୍ଡିଆସାହିରେ ଶୁକ୍ରବାର ମଧରାତ୍ରିରେ ଅଗ୍ନିକାଣ୍ଡ ଘଟି ଅଶୋକ ପ୍ରଧାନ ଏବଂ ଅନନ୍ତ ପ୍ରଧାନଙ୍କ ୨ବଖରା ଛାରଖାର ହୋଇଯାଇଛି। ପରିବାର ସଦସ୍ୟ ଘରେ ଶୋଇଥିବାବେଳେ ହଠାତ୍ ଘର ପଛପଟୁ ନିଆଁ ଲାଗିଯାଇଥିଲା। ଏଥିରେ ସମସ୍ତ ଆସବାବପତ୍ର ପାଉଁଶ ହୋଇଯାଇଛି। ବାକ୍ସରେ ଥିବା ନଗଦ ୧ ଲକ୍ଷ ଟଙ୍କା ମଧ ପୋଡ଼ିଯାଇଛି। ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଯନ୍ତ୍ରୀ ରଶ୍ମିତା ମିଶ୍ର ବିପନ୍ନ ପରିବାରକୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ସଦର ଆର୍‌ଆଇ କ୍ଷୟକ୍ଷତି ଆକଳନ କରିଥିବା ଜଣାପଡିଛି।

### ୨୩ ସିଏଫ୍‌ଟି ଶାଗୁଆନ କାଠ ଜବତ



**ଭୁବନ, ୯।୧୧(ଡ.ଏନ.ଏ.):** ଭୁବନ ବନ ବିଭାଗ ପକ୍ଷରୁ ଚଣ୍ଡୀପାଳ ଶନିମନ୍ଦିର ନିକଟସ୍ଥ ପଡ଼ିଆରୁ ଶନିବାର ୨୩ ସିଏଫ୍‌ଟି ଶାଗୁଆନ କାଠ ଜବତ କରାଯାଇଛି। କାଠ କାଟିବାକୁ ରଖାଯାଇଥିବାବେଳେ କୌଣସି ସୂଚନା ପାଇ ରେଞ୍ଜର ଅନିତା ସେଠୀଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ରେଞ୍ଜର ଗୌତମ ପ୍ରଧାନ, ଫରେଷ୍ଟର କବିତା ବିଶାଳ, ଗାର୍ଡ ମମତା କଅଁର ହାତୀସ୍କ୍ୱାଡ୍ ସହ ଚଢ଼ାଉ କରିଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ୩୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

### ଜାତୀୟ ଆଇନ ସେବା ସହାୟତା ଦିବସ



**ଭୁବନ, ୯।୧୧(ଡି.ଏନ.ଏ.):** ଭୁବନ ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ଶନିବାର ଜାତୀୟ ଆଇନ ସେବା ସହାୟତା ଦିବସ ପାଳିତ ହୋଇଯାଇଛି। ଜେଏମ୍‌ଏଫ୍‌ସି ଶ୍ରୀଚନ୍ଦନ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ବାବୁଲି ସେଠୀ, ବରିଷ୍ଠ ଆଇନଜୀବୀ କୋଦଣ୍ଡଧର ନାୟକ, ନିରଞ୍ଜନ ଜେଠୀ, ରିଟେନର ପ୍ରକାଶ ଚନ୍ଦ୍ର ନାୟକଙ୍କ ସମେତ ସମସ୍ତ ପାରାଲିଗାଲ ଭଲ୍ୟୁଣ୍ଟିୟର ଉପସ୍ଥିତ ଥିଲେ। ଗରିବ, ଅସହାୟ, ଶିଶୁ, ମହିଳାଙ୍କ ଲାଗି ରହିଥିବା ଆଇନ ସହାୟତା ଏବଂ ଏଥିରେ ପାରାଲିଗାଲ ଭଲ୍ୟୁଣ୍ଟିୟରଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ଛିନ୍ନମସ୍ତା ମନ୍ଦିରର ବାର୍ଷିକ ଉତ୍ସବ

**ପରଜଙ୍ଗ, ୯।୧୧(ଡି.ଏନ.ଏ.)-**ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଛିନ୍ନମସ୍ତାଙ୍କ ମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳୁ ବ୍ରାହ୍ମଣୀ ନଦୀରୁ ୧୦୮ ଜଳପୂର୍ଣ୍ଣ କଳସରେ ପାଣି ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପୂଜକ ଶ୍ରୀଧର ଆଚାର୍ଯ୍ୟ, ମନୋହର ରଣା, ଗଣେଶ୍ୱର ରଣା ପୂଜାର୍ଚ୍ଚନା କରିଥିବାବେଳେ କୃଷ୍ଣଚନ୍ଦ୍ର ମହାନ୍ତି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସରପଞ୍ଚ ଧରିତ୍ରୀ ମହାଲିକ, ଜଗବନ୍ଧୁ ସଂଗ୍ରାମସିଂ, କ୍ଷୀରୋଦ ପ୍ରଧାନ, ମନୋଜ ସିଂ, ପ୍ରଦୀପ ବରାଳ, ବାସୁଦେବ ଦାସ, ରମେଶ ଚନ୍ଦ୍ର ମହାନ୍ତି, ରଞ୍ଜନ କୁମାର ଶ୍ରୀଚନ୍ଦନରାୟଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟୋଜିତ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।



■ଢେଙ୍କାନାଳ କଲେଜରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ

# 'ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯିବ'

■ଖାଦ୍ୟର ମାନ ପରଖିଲେ

■ପିଲାମାନଙ୍କ ସହ ଖାଇଲେ

**ଢେଙ୍କାନାଳ ଅଫିସ, ୯।୧୧**

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ଅଶ୍ୱିନୀ ମିଶ୍ର ଶନିବାର ଢେଙ୍କାନାଳ କଲେଜ ପରିଦର୍ଶନ କରିଛନ୍ତି। ପୂର୍ବାହ୍ନ ସାଢ଼େ ୧୧ଟାରୁ ଅପରାହ୍ନ ୪ଟା ଯାଏ ୫ଘଣ୍ଟାର ରହଣି ଭିତରେ ସେ କଲେଜରେ ଲାଗି ରହିଥିବା ସମସ୍ତ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ସେଗୁଡ଼ିକର ସମାଧାନ ଲାଗି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ମିଶ୍ର କଲେଜରେ ପହଞ୍ଚିବା ପରେ ଶ୍ରେଣୀ ପ୍ରକୋଷ୍ଠ, ଲାବରେଟୋରି ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କ ସହିତ ଭାବ ବିନିମୟ କରିଥିଲେ। ଅଧ୍ୟାପିକାଅଧ୍ୟାପକ, ନନ୍ ଟିଚିଂ ଷ୍ଟାଫ୍‌ଙ୍କ ସହ ବିଭିନ୍ନ ସମସ୍ୟା, ସ୍ୱୟଂଶାସିତ ମାନ୍ୟତା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରାବାସ, ଛାତ୍ରୀନିବାସକୁ ଯାଇ ସେଠାରେ ଅନ୍ତେବାସୀଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ପରଖିଥିଲେ। ନବନିର୍ମିତ ଛାତ୍ରାବାସର ଭିତ୍ତିଭୂମି ପରଖିବା ସହ ପିଲାମାନଙ୍କ ସହ ମିଶି ଖାଇଥିଲେ।



ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ଅଶ୍ୱିନୀ ମିଶ୍ର ଢେଙ୍କାନାଳ କଲେଜ ପରିଦର୍ଶନ ସମୟରେ ଛାତ୍ରମାନଙ୍କ ସହ ଆଲୋଚନା କରୁଛନ୍ତି।

ପରିଦର୍ଶନ ଶେଷରେ ଗଣମାଧମକୁ ସୂଚନା ଦେଇ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କହିଲେ, ଏହା ଏକ ଭଲ କଲେଜ। ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକଙ୍କ ସହ ଆଲୋଚନା କରି ବିଭିନ୍ନ ସମସ୍ୟା ଜାଣିବାକୁ ପାଇଛୁ। ଏହାର ସମାଧାନ ଲାଗି ଗୁରୁତ୍ୱ ଦିଆଯାଇ ପଦକ୍ଷେପ ନିଆଯିବ। ସ୍ୱୟଂଶାସିତ ମାନ୍ୟତା ବଜାୟ ରହିବା ଲାଗି ଯଥାସାଧ ଉଦ୍ୟମ କରାଯିବ ବୋଲି କହିଛନ୍ତି। ଏ ନେଇ କଲେଜ ଭାରପ୍ରାପ୍ତ ଅଧକ୍ଷ ସୁରେନ୍ଦ୍ରନାଥ ଷଡ଼ଙ୍ଗୀ କୁହନ୍ତି, ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କଲେଜ ପରିଦର୍ଶନ କରି ସ୍ୱୟଂଶାସିତ ମାନ୍ୟତା ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିଛନ୍ତି। ଛାତ୍ରୀ ନିବାସର ଉନ୍ନତୀକରଣ ପାଇଁ ଆସିଥିବା ୩ କୋଟି ଟଙ୍କା ଅନୁଦାନ ଭିଜିଲାନ୍ସର ଏକ ମାମଲା ଯୋଗୁ ପଡ଼ିରହିଛି। ଏହାର ବିନିଯୋଗ ସମ୍ପର୍କରେ ଜିଲାପାଳଙ୍କ ସହ ଫୋନରେ ଆଲୋଚନା କରାଯାଇଛି। କଲେଜରେ ସ୍ୱୟଂଶାସିତ ମାନ୍ୟତା ବଜାୟ ରଖିବାକୁ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶକ କହିଛନ୍ତି।

## ସାମ୍ୟବାଦୀ ଚିନ୍ତାଧାରା ସଚ୍ଚି ରାଉତରାୟଙ୍କୁ ଅମର କରିଛି



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ପରଜଙ୍ଗ, ୯।୧୧(ଡି.ଏନ.ଏ.)**

ପରଜଙ୍ଗ କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶନିବାର ଯୁକ୍ତ ୩ ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ 'ସଚ୍ଚିଦାନନ୍ଦ ରାଉତରାୟଙ୍କ କବିତାରେ ପ୍ରଗତିବାଦୀ ଚେତନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ସନାତନ ସାମଲ, ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଶାନ୍ତ କୁମାର ରଥ ଅତିଥି ଭାବେ ଯୋଗଦେଇ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ସଚ୍ଚି ରାଉତରାୟଙ୍କ ସାହିତ୍ୟକୃତିରେ ପ୍ରଗତିବାଦୀ ଚିନ୍ତାଧାରା ସ୍ପଷ୍ଟ ପ୍ରତିଫଳିତ। ସାମ୍ୟବାଦୀ ଚିନ୍ତାଧାରା ତାଙ୍କୁ ଅମର କରିଛି। 'ଛୋଟ ମୋର ଗାଁଟି' ଏହାର ନିଚ୍ଛକ ଉଦାହରଣ। ଏପରି ଜଣେ ବ୍ୟକ୍ତିତ୍ୱ ସବୁବେଳେ ସାହିତ୍ୟ ଆକାଶରେ ଝଟକୁଥିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରସନ୍ନ ସାହୁ, ଅଞ୍ଜନ ମହାରଣା, ପ୍ରବୋଧ ରଥ, ଅଧ୍ୟାପିକା ଦେବୀକୃପା ପ୍ରଜ୍ଞାପାରମିତା ଦଳବେହେରା, ପ୍ରଶାନ୍ତ ରଥ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ଏହି ଅବସରରେ ବିଭାଗର ସମସ୍ତ ଛାତ୍ରୀଛାତ୍ରମାନେ ସେମାନଙ୍କ ନିବନ୍ଧ ଉପସ୍ଥାପନ କରିଥିଲେ। ସେମିନାର ସମ୍ପାଦିକା ବନସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ



କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୯।୧୧**

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ହାଇସ୍କୁଲ ସମ୍ମିଳନୀ କକ୍ଷରେ ଶନିବାର ପୂର୍ବାହ୍ନରେ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଏବଂ ଟାଟାଷ୍ଟିଲ ୟାର୍ଟସ୍‌ର ୧୩ତମ ସଂସ୍କରଣ ପାଳନ ଅବସରରେ ଏହା ଆୟୋଜିତ ହୋଇଥିଲା। ୬ଷ୍ଠରୁ ୧୦ମ ଶ୍ରେଣୀ ଯାଏ ବହୁ ଛାତ୍ରୀଛାତ୍ର ଉପସ୍ଥିତ ରହି ମହାକାଶ ବିଜ୍ଞାନ ସମ୍ବନ୍ଧୀୟ ଓପନ ହାଉସ୍ କୁଇଜ୍ ପ୍ରତିଯୋଗିତାର ଭାଗ ନେଇଥିଲେ। ୨୦ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

ସେହିପରି 'ବ୍ରହ୍ମାଣ୍ଡ ବିସ୍ମୟର ଉନ୍ମୋଚନ' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାରେ ବିଦ୍ୟାଳୟର ୯ମ ଓ ୧୦ମ ଶ୍ରେଣୀର ୩୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜିଲାରୁ ଶ୍ରେଷ୍ଠ ବିବେଚିତ ହୋଇଥିବା ୨ଜଣ ପ୍ରତିଯୋଗୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି ଅବସରରେ ଟାଟାଷ୍ଟିଲ ପକ୍ଷରୁ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୌସୁମୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅତିଥି ଭାବେ ଶିଶୁ ବିଜ୍ଞାନ କଂଗ୍ରେସର ଜିଲା ସଂଯୋଜକ ଡ. ଦେବୀପ୍ରସାଦ ମିଶ୍ର, ବରିଷ୍ଠ ଶିକ୍ଷକ ସୁରେଶ କୁମାର ପଣ୍ଡା, ଏନ୍‌ସିସି ଚିଫ୍ ଅଫିସର ସୁବାସ କୁମାର ନନ୍ଦ, ଟାଟାଷ୍ଟିଲ ଟିମ୍ ଲିଡର ଭାଗ୍ୟଶ୍ରୀ ବେଉରା, ପ୍ରବୀଣ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ସ୍ୱୟଂଶାସିତ ମାନ୍ୟତା ହଟିଲେ ଆନ୍ଦୋଳନ

**ଢେଙ୍କାନାଳ ଅଫିସ,୯।୧୧**

ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଜିଲା ଶିକ୍ଷକ ମହାସଂଘର କାର୍ଯ୍ୟକାରୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଯମେଶ୍ୱର ପୃଷ୍ଟି ସଭାପତିତ୍ୱ କରିଥିଲେ। ଢେଙ୍କାନାଳ କଲେଜରୁ ସ୍ୱୟଂଶାସିତ ମାନ୍ୟତା ପ୍ରତ୍ୟାହାର କରି ନିଆଗଲେ ଜୋରଦାର୍ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଢେଙ୍କାନାଳ କଲେଜରେ ତୁରନ୍ତ ସ୍ଥାୟୀ ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତି, ବ୍ଲକଗ୍ରାଣ୍ଟ ଶିକ୍ଷକ କର୍ମଚାରୀଙ୍କୁ ପେନ୍‌ସନ୍ ବ୍ୟବସ୍ଥା, ମାଧ୍ୟମିକ ବିଦ୍ୟାଳୟରେ ଖାଲିପଡ଼ିଥିବା ୪୫୦ ଏବଂ ପ୍ରାଥମିକ ସ୍କୁଲରେ ୨୦୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ପୂରଣ, ରାଜ୍ୟର ୬୫୯ ଅନୁଦାନପ୍ରାପ୍ତ ହାଇସ୍କୁଲକୁ ସରକାରୀ ମାନ୍ୟତା ଦେବାକୁ ଦାବି କରାଯାଇଛି। ଏ ନେଇ ଏମ୍‌ପି ଓ ବିଧାୟକ ସହ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଛି। ପ୍ରାରମ୍ଭରେ ଶିକ୍ଷାବିତ୍ ଅବନୀ ବରାଳଙ୍କ ଶ୍ରାଦ୍ଧ ଦିବସ ଏବଂ ମାଧ୍ୟମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଅକ୍ଷୟ ସାହୁଙ୍କ ପରଲୋକରେ ଶୋକବ୍ୟକ୍ତ କରାଯାଇଥିଲା। ସାନ୍ଧ୍ୟ କଲେଜ ଅଧକ୍ଷ ସମୀର ସାହୁ, ଶିକ୍ଷକନେତା ଶ୍ରୀପତି ସେନାପତି, ଅଧ୍ୟାପକ କ୍ଷୀରୋଦ ନାୟକ, ଶଙ୍କର୍ଷଣ ଶତପଥୀ, ବିଦ୍ୟାଧର ସେନାପତି, ଶଶାଙ୍କ ଶେଖର ଦାସ, ନିତ୍ୟାନନ୍ଦ ନାୟକ, ଅନିମା ସାହୁ, ସ୍ୱାତୀ ସୁଚରିତା ସ୍ୱାଇଁ, ରଜତ ମହାପାତ୍ର, ବିପ୍ରବର ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

ଜାତୀୟସ୍ତରୀୟ ନାଟକ ପ୍ରତିଯୋଗିତାରେ ଭାଗନେବ 'କଳା ପରିଷଦ'

## ଆଗ୍ରା ଯାତ୍ରା କଲେ କଳାକାର



କଳାପରିଷଦର ସଦସ୍ୟା ସଦସ୍ୟମାନେ ଆଗ୍ରା ଯାତ୍ରା କରୁଛନ୍ତି।

**ଢେଙ୍କାନାଳ ଅଫିସ, ୯।୧୧**

ଚଳିତ ୧୨ ତାରିଖରେ ସଂସ୍କାର ଭାରତୀ ନାଟ୍ୟସଂସ୍ଥା ପକ୍ଷରୁ ଆଗ୍ରାରେ ଅନୁଷ୍ଠିତ ହେବାକୁଥିବା ଜାତୀୟସ୍ତରୀୟ ନାଟକ ପ୍ରତିଯୋଗିତରେ ଭାଗନେବ ଢେଙ୍କାନାଳର ପ୍ରମୁଖ ନାଟ୍ୟ ଅନୁଷ୍ଠାନ 'କଳା ପରିଷଦ'। ଏଥିପାଇଁ କଳାକାରମାନେ ଶନିବାର ଟ୍ରେନ୍ ଯୋଗେ ଆଗ୍ରା ଯାତ୍ରା କରିଛନ୍ତି। ଅନୁଷ୍ଠାନ ପକ୍ଷରୁ ହିନ୍ଦୀ ନାଟକ ' ବାଁଶ କୀ ଦଣ୍ଡେ ସେ ଆଜାଦୀ' ନାଟକ ପରିବେଷଣ କରାଯିବ। ଏଥିସହ 'ରୋତେ ରୋତେ କହତି ନଦୀ' ନୁକ୍କଡ଼୍ ନାଟକ ମଧ ପରିବେଷଣ କରାଯିବ ବୋଲି ସୂଚନା ଦିଆଯାଇଛି। ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କ ରଚିତ ଏହି ନାଟକକୁ ନିର୍ଦ୍ଦେଶନା ଦେଇଛନ୍ତି ଶତ୍ରୁଘ୍ନ ମାଟି। ଇନ୍ଦ୍ରମଣି ବେହେରା, ପ୍ରବୀର ମହାନ୍ତି, ଅଶୋକ ଦାସ, ଶତ୍ରୁଘ୍ନ ମାଟି, କିଶୋର ରାଉତ, ବିନୋଦ ମହାନ୍ତି, ମନ୍ମଥ ପଟ୍ଟନାୟକ, ଆଲୋକ ଦାସ, ଭୁଷଣ୍ଡ, ଜ୍ୟୋତି ବସ୍ତିଆ, ଅମ୍ବିକା ପଟ୍ଟନାୟକ, ଋତୁପର୍ଣ୍ଣା, ପଦ୍ମା, ପାରସ୍, ଓମ୍, ପିଣ୍ଟୁ, ଲିକୁ ପ୍ରମୁଖ ଏଥିରେ ଅଭିନୟ କରିବେ। ୨୯ ଥର ପରିବେଷଣ ହୋଇସାରିଥିବା ଏହି ନାଟକ ବହୁ ପ୍ରଶଂସା ସାଉଁଟିଛି।

# ଗଛ ଉପୁଡ଼ି ରାସ୍ତା ଅବରୋଧ

**ଔପଦା, ୯।୧୧(ଡି.ଏନ.ଏ.)**

ସାମୁଦ୍ରିକ ବାତ୍ୟା ବୁଲ୍‌ବୁଲ୍ ପ୍ରଭାବରେ ବାଲେଶ୍ୱର ଜିଲାର ଔପଦା ବ୍ଲକ ବିଶେଷ ଭାବେ ପ୍ରଭାବିତ ହେବା ସହ ଧାନଚାଷ ଉଜୁଡ଼ି ଯାଇଛି। ଅନବରତ ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ଠପ୍ ହୋଇଯାଇଛି। ରାସ୍ତାଘାଟ ଶୂନଶାନ ହୋଇପଡିଥିବା ବେଳେ କାଁ ଭାଁ ଦୋକାନ ବଜାର ଖୋଲିଥିଲା। ପବନର ବେଗ ପାଖାପାଖି ୭୦ରୁ ୧୦୦ ଥିବାବେଳେ କେତେକ ରାସ୍ତା ପାର୍ଶ୍ୱସ୍ଥ ଗଛ ଓ ଡାଳ ପଡ଼ି ରାସ୍ତା ଅବରୋଧ ହୋଇଛି। ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇ ଔପଦା ଅନ୍ଧାର ରହିଛି। ପବନରେ ପଡ଼ି ଯାଇଥିବା ଧାନଗଛ ପାଣିରେ ବୁଡିଯାଇଛି। ଋଣ କରି ଚାଷ କରିଥିବା ଚାଷୀ ଧାନ ଅମଳ କରିବା ପୂର୍ବରୁ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛି। ଏହାର ଆକଳନ କରି ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

## ହୃଦ୍‌ଘାତରେ ଚାଷୀଙ୍କ ମୃତ୍ୟୁ

**ରୂପ୍‌ସା, ୯।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଜହତା ଗ୍ରାମର ଚାଷୀ ବରେନ୍ଦ୍ର ଦାସ (୫୮) ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ସେ ଦୀର୍ଘଦିନ ଧରି ହୃଦ୍‌ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସେ ଜଣେ ଯାତ୍ରା ଅଭିନେତା ଭାବେ ବିଭିନ୍ନ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ।

## ରେଣୁବାଳା ଥିଲେ ସାଲିସବିହୀନ ସାହିତ୍ୟିକା



ଅତିଥିମାନେ 'ବିବର୍ଣ୍ଣ ପୃଥିବୀ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୯।୧୧**

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ ପରିସରରେ ଶନିବାର ସନ୍ଧ୍ୟାରେ ସୁସାହିତ୍ୟିକା ରେଣୁବାଳା ନନ୍ଦଙ୍କ ୮ମ ବାର୍ଷିକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ରେଣୁବାଳା ଜଣେ ସାଲିସ୍‌ବିହୀନ ସାହିତ୍ୟିକା ଥିଲେ। ଓଡ଼ିଆ ସାହିତ୍ୟ ପାଇଁ ତାଙ୍କ ଅବଦାନ ମନେରହିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ମନୋଜ ମଞ୍ଜରୀ ଦାସଙ୍କୁ 'ରେଣୁବାଳା ସ୍ମୃତି ସମ୍ମାନ' ସୁଧାଂଶୁ କୁମାର ଦଳେଇଙ୍କୁ 'ଢେଙ୍କାନାଳ ଗୌରବ ସମ୍ମାନ' ଏବଂ ତୃପ୍ତି ନନ୍ଦଙ୍କୁ 'ନନ୍ଦିନୀ ଦେବୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଉମେଶ ଚନ୍ଦ୍ର ଦାସଙ୍କ ରଚିତ 'ବିବର୍ଣ୍ଣ ପୃଥିବୀ' ପୁସ୍ତକ ଉନ୍ମୋଚିତ ହୋଇଥିଲା।

ରେଣୁବାଳା ସ୍ମୃତି ସଂସଦର ସଭାନେତ୍ରୀ ସଂଯୁକ୍ତା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭରତପୁର କୋଇଲା ଖଣିର ବରିଷ୍ଠ ପ୍ରବନ୍ଧକ ନିରଞ୍ଜନ ଜେନା, ଶିକ୍ଷାବିତ୍ ହରେକୃଷ୍ଣ କର, ସାମାଜିକକର୍ମୀ ନିରୁପମା ଦାସ, ସାହିତ୍ୟ ଏକାଡେମୀ ସଦସ୍ୟ କବି ମନୋରଞ୍ଜନ ନନ୍ଦ ଯୋଗଦେଇ ରେଣୁବାଳା ଓଡ଼ିଆ ସାହିତ୍ୟରେ ମାଇଲଖୁଣ୍ଟ ହୋଇ ରହିବେ ବୋଲି ମତ ରଖିଥିଲେ। ଶିଳ୍ପୀ ପରେଶ ପଟ୍ଟନାୟକ, ମାନସ ନନ୍ଦ, ଶିକ୍ଷାବିତ୍ ଦିଲୀପ ନନ୍ଦ, ଅର୍ଚ୍ଚନା ନନ୍ଦ, କବି ବାହାଦୁର ପାଟସାହାଣୀ, ବୀରାଲକ୍ଷ୍ମୀ ରଣା, ମାକ୍ଷିତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାଜପାର ସାଙ୍ଗଠନିକ କର୍ମଶାଳା

**ଓଡ଼ାପଡ଼ା, ୯।୧୧(ଡି.ଏନ୍.ଏ.)**

ଓଡ଼ାପଡ଼ା ଗୁଡ଼ିଆକାଟେଣୀସ୍ଥିତ ମା' ଦଶଦେବୀଙ୍କ ପୀଠ ପ୍ରାଙ୍ଗଣରେ ଶୁକ୍ରବାର ହିନ୍ଦୋଳ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ସହ ନିର୍ବାଚନ ଅଧିକାରୀ ସୁବାସ ଚନ୍ଦ୍ର ଗନ୍ତାୟତ, ବରିଷ୍ଠ ଭାଜପା ନେତା ନରେଶ ଚନ୍ଦ୍ର ମହାପାତ୍ର, ବିଷ୍ଣୁ ପ୍ରସାଦ ଲେଙ୍କା, ଅଶୋକ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ରହି ସଙ୍ଗଠନକୁ ସୁଦୃଢ଼ କରିବା, ସଦସ୍ୟତା ଅଭିଯାନକୁ କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଦସ୍ୟା ଇତିଶ୍ରୀ ସାହୁ, ଜିଲା ପରିଷଦ ସଦସ୍ୟ ଧର୍ମାନନ୍ଦ ସେନାପତି, ଦିଲୀପ ପଟ୍ଟନାୟକ, ରବିନାରାୟଣ ସାହୁ, ଭକ୍ତବନ୍ଧୁ ବେହେରା, ବନୋଜ ରଥ, ଆଲୋକ ଚିନ୍ନାରା ପ୍ରମୁଖ ଶତାଧିକ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

■'ସାମ୍ପ୍ରତିକ ଓଡ଼ିଆ ଭାଷାର ସ୍ଥିତି ଓ ସମ୍ଭାବନା' ଶୀର୍ଷକ ପାଠଚକ୍ର

# ଓଡ଼ିଆର ବହୁଳ ବ୍ୟବହାର ଉପରେ ଗୁରୁତ୍ୱ




ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଆଲୋଚନାଚକ୍ର ଅବସରରେ ମଞ୍ଚାସୀନ ଅତିଥିମାନେ।

**ଓଡ଼ାପଡ଼ା, ୯।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳରୋଡସ୍ଥିତ ଓପିଏସ୍ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'ସାମ୍ପ୍ରତିକ ଓଡ଼ିଆ ଭାଷାର ସ୍ଥିତି ଓ ସମ୍ଭାବନା' ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଗୁରୁଚରଣ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଲେଜ ଅଧକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ଯୋଗଦେଇ ପାଠଚକ୍ରର ଆବଶ୍ୟକତା ଏବଂ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶିଷ୍ଟ ଭାଷାବିତ୍ ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର ଆଲୋଚନାରେ ଭାଗନେଇ କହିଲେ, ବର୍ତ୍ତମାନ ଓଡ଼ିଆ ଭାଷାର ସ୍ଥିତି ବିପନ୍ନ। ନୂତନ ପିଢି ଓଡ଼ିଆ ଭାଷା ପ୍ରତି ଶ୍ରଦ୍ଧାଶୀଳ ହୋଇପାରିଲେ ଏହାର ସମ୍ଭାବନା ଉଜ୍ଜ୍ୱଳ ହୋଇପାରିବ ବୋଲି ସେ ଆଶାପୋଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ବିମ୍ବାଧର ବରାହ ପାଠଚକ୍ରକୁ ସମୀକ୍ଷା କରି କହିଲେ, ଓଡ଼ିଆ ଭାଷାର ଏପରି ପରିସ୍ଥିତି ପାଇଁ ଆମେ ହିଁ ଦାୟୀ। ଏହାର ସମାଧାନର ରାସ୍ତା ଆମକୁ ହିଁ ବାହାର କରିବାକୁ ପଡ଼ିବ ବୋଲି ସେ ମତ ରଖିଥିଲେ। ଅଧ୍ୟାପକ ଡ. ଦେବାନନ୍ଦ ଦାସ ଓଡ଼ିଆ କ୍ରମବିକାଶ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ।

ଛାତ୍ରୀ ସୁପ୍ରିୟା ପରିଡ଼ା, ମନିଷା ପରିଡ଼ା ଏବଂ ଛାତ୍ର ସିପୁନ ଭୂତିଆ ପ୍ରବନ୍ଧ ପାଠ କରିଥିଲେ। ପାଠଚକ୍ର ସମ୍ପାଦିକା ଇତିଶ୍ରୀ ବେହେରା ବେଦପାଠ, ଅଧ୍ୟାପିକା ସୁମିତ୍ରା ସାହୁ ମାନପତ୍ର ପାଠ କରିଥିଲେ। ପ୍ରାଧ୍ୟାପିକା ଡ. ସୁଚେତା ମିଶ୍ର, ଡ. ତପନ କୁମାର ପଣ୍ଡା, ଅଧ୍ୟାପକ ବିଜୟ କୁମାର ସାହୁ, ଅଧ୍ୟାପିକା ସନ୍ଧ୍ୟାରାଣୀ ବେହେରା, ସ୍ୱାଗତିକା ପୃଷ୍ଟି, ସୁମିତ୍ରା ଗାହଣ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

